Back

# ଓଡିଶା ବିଧାନସଭା

## ଷୋଡଶ ବିଧାନସଭା

## ଷଷ୍ଠ ଅଧିବେଶନ

## ମଙ୍ଗଳବାର , ଫେବୃୟାରୀ ୨୩ , ୨୦୨୧

## ମୌଖିକ ଉତ୍ତର ନିମନ୍ତେ ପ୍ରଶ୍ନାବଳୀ

**ପ୍ରଶ୍ନ ସଂଖ୍ୟା - ୩୦**

**( ପଞ୍ଚାୟତିରାଜ ଓ ପାନୀୟ ଜଳ,ଗ୍ରାମ୍ୟ ଉନ୍ନୟନ,ଜଙ୍ଗଲ ଓ ପରିବେଶ,ଗୃହ ନିର୍ମାଣ ଓ ନଗର ଉନ୍ନୟନ,ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା,ସଂସଦୀୟ ବ୍ୟାପାର,ଆଇନ )**

### ଗ୍ରାମକୁ ଜଳ ଯୋଗାଣ ପାଇଁ ଅନୁଦାନ

***୯୧ . ଶ୍ରୀ ନରସିଂହ ମିଶ୍ର :** ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- ରାଜ୍ୟରେ ଥିବା ମୋଟ ଗ୍ରାମ ଓ ଜନବସତି ଅଞ୍ଚଳରୁ କେତେ ଗ୍ରାମକୁ ପାଇପ ଜଳ ଯୋଗାଣର ବ୍ୟବସ୍ଥା ହୋଇଛି, ବାକିଥିବା ଗ୍ରାମର ଲୋକେ କେଉଁ ଉତ୍ସରୁ ପାଣି ପାଉଛନ୍ତି, 2010 ମସିହାରୁ ଆଜିପର୍ଯ୍ୟନ୍ତ ବର୍ଷୱାରୀ ପାଇପ ପାଣି ଯୋଗାଣ ଗ୍ରାମ୍ୟ ଜଳଯୋଗାଣ ପାଇଁ ବର୍ଷୱାରୀ ବଜେଟ୍ କେତେ, ଖର୍ଚ୍ଚ ହୋଇଛି କେତେ ଏବଂ ଏ ବାବଦରେ କେନ୍ଦ୍ର ସରକାରଙ୍କ ଅନୁଦାନ କେତେ, ତାର ବିବରଣୀ ଦେବେ କି, ଆଗାମୀ କେତେ ବର୍ଷ ଭିତରେ ରାଜ୍ୟର ସମସ୍ତ ଗ୍ରାମକୁ ପାଇପ୍ ପାଣି ଯୋଗାଇ ପାରିବେ କହିବେ କି ?

### ଜରାଜୀର୍ଣ୍ଣ ରାସ୍ତାର ମରାମତି ପାଇଁ ଅର୍ଥ ବ୍ୟବସ୍ଥା

***୯୨ . ଶ୍ରୀ ନିତ୍ୟାନନ୍ଦ ଗଣ୍ଡ :** ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- ଉମରକୋଟ ନିର୍ବାଚନ ମଣ୍ଡଳୀର ପ୍ରଧାନ ମନ୍ତ୍ରୀ ସଡ଼କ ଯୋଜନାରେ ନିର୍ମିତ କେଉଁ କେଉଁ ରାସ୍ତା ଗୁଡିକ ଜରାଜୀର୍ଣ୍ଣ ଅବସ୍ଥାରେ ଅଛି ଓ କେଉଁ କେଉଁ ଗ୍ରାମକୁ ସବୁଦିନିଆ ରାସ୍ତା ନାହିଁ, ସରକାର ଜଣାଇବା ସଙ୍ଗେ ସଙ୍ଗେ ଏଥିପାଇଁ ବ୍ୟବସ୍ଥା କରିବେ କି, ସେହିଭଳି ଏହି ନିର୍ବାଚନ ମଣ୍ଡଳୀରେ ମୁଖ୍ୟମନ୍ତ୍ରୀ ସଡ଼କ କେତେ ରହିଛି ଓ ଚଳିତ ଆର୍ଥିକ ବର୍ଷରେ ଏଥିପାଇଁ କେତେ ଅର୍ଥର ବ୍ୟବସ୍ଥା ହୋଇଛି ?

**କେନ୍ଦୁ ପତ୍ର ତୋଳାଳୀଙ୍କର ପାରିଶ୍ରମିକ ବୃଦ୍ଧି**

***୯୩ . ଶ୍ରୀ ଅଙ୍ଗଦ କହଁର :** ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- ରାଜ୍ୟରେ ଥିବା ସମସ୍ତ କେନ୍ଦୁପତ୍ର ତୋଳିଳିଙ୍କ ପାରିଶ୍ରମିକ ବୃଦ୍ଧିପାଇଁ ସରକାର ବିଚାର କରିବେ କି, ସମସ୍ତ ବିଡି ଶ୍ରମିକ ମାନଙ୍କୁ ସରକାର ସ୍ୱାସ୍ଥ୍ୟ ବୀମାରେ ଅନ୍ତର୍ଭୁକ୍ତ କରିବା ସଙ୍ଗେ ସଙ୍ଗେ ସେମାନଙ୍କ ପରିବାର ବିକାଶ କଥା ସରକାର ସ୍ୱତନ୍ତ୍ର ଭାବେ ଧ୍ୟାନ ଦେବେ କି, ଏତଦ୍ ବ୍ୟତୀତ ଶାଳ ପତ୍ରରେ ନିର୍ମିତ ହେଉଥିବା ଖାଦ୍ୟ ପ୍ଲେଟର ସିଲାଇ କରୁଥିବା ମିସ୍ତ୍ରୀ, ଗାରିଗର ମାନଙ୍କୁ ଉନ୍ନତମାନର ସିଲାଇ ମେସିନ୍ ସ୍ୱଳ୍ପ ମୂଲ୍ୟରେ ଯୋଗାଇବା ପାଇଁ ସରକାର ବ୍ୟବସ୍ଥା କରି ଶାଳପତ୍ର ତିଆରି ସାମଗ୍ରୀର ଦେଶ ବିଦେଶରେ ଅନ୍ୟ ରାଜ୍ୟରେ ବିକ୍ରି କରିବା ପାଇଁ ବଜାର ବ୍ୟବସ୍ଥା କରିବେ କି ?

**ବୋରିଗୁମ୍ମା ସହରାଞ୍ଚଳକୁ ପୌର ସଂସ୍ଥାରେ ପରିଣତ**

***୯୪ . ଶ୍ରୀ ତାରା ପ୍ରସାଦ ବାହିନୀପତି :** ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- କୋରାପୁଟ ଜିଲ୍ଲାର ବୋରିଗୁମ୍ମା ସହରାଞ୍ଚଳଟି ଏକ ପୌରସଂସ୍ଥା ହେବାପାଇଁ ସମସ୍ତ ସର୍ତ୍ତାବଳୀ ପୂରଣ କରୁଛି କି ;ରାଜ୍ୟର ଅନ୍ୟ ସମସାମୟିକ ସହରାଞ୍ଚଳକୁ ପୌରସଂସ୍ଥାରେ ପରିଣତ କରାଯାଇଥିବା ବେଳେ ବୋରିଗୁମ୍ମାକୁ ଏପରି ମାନ୍ୟତା ନ ମିଳିବାର କାରଣ କଣ; ବହୁ ବିଳମ୍ବ ହୋଇଥିଲେ ବି ସରକାର ଏ ଦିଗରେ ବିହୀତ ପଦକ୍ଷେପ ଗ୍ରହଣ କରି ବୋରିଗୁମ୍ମାବାସୀଙ୍କୁ ନ୍ୟାୟ ଦେବେ କି ?

**ଦାଦନଙ୍କ ଜିଲ୍ଲାୱାରୀ ତଥ୍ୟ**

***୯୫ . ଶ୍ରୀ ମୁକେଶ ମହାଲିଙ୍ଗ :** ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- (କ) Covid-19 ସମୟରେ କେଉଁ ଜିଲ୍ଲାର କେତେଜଣ ଦାଦନ ଶ୍ରମିକ କେଉଁ ରାଜ୍ୟରୁ ଫେରିଥିଲେ । ଆଜି ସୁଦ୍ଧା କେଉଁ ଜିଲ୍ଲାର କେତେ ଜଣ ଦାଦନ ଶ୍ରମିକ କେଉଁ ରାଜ୍ୟକୁ ପୁଣି ଯାଇଛନ୍ତି ଜିଲ୍ଲାୱାରୀ ତଥ୍ୟ ଦେବା ସହ ସେମାନଙ୍କର Skill Development ର ସମ୍ପୂର୍ଣ୍ଣ ବିବରଣୀ ଓ ରାଜ୍ୟର ଶିଳ୍ପାୟନରେ ସେମାନଙ୍କର ସମ୍ଭାବ୍ୟ Employment ସମ୍ବନ୍ଧରେ ସରକାରଙ୍କ ମତାମତ କଣ; (ଖ) ଲୋଇସିଂହା ନିର୍ବାଚନ ମଣ୍ଡଳୀର ଦାଦନ ଶ୍ରମିକଙ୍କ ଗ୍ରାମପଞ୍ଚାୟତୱାରୀ ତାଲିକା ସହ ସେମାନଙ୍କର Skill Maping ର ବିବରଣୀ ଉପସ୍ଥାପନ କରିବେ କି ?

**ନୂତନ ADJ Court ଖୋଲିବା**

***୯୬ . ଶ୍ରୀ ଭୂପିନ୍ଦର ସିଂହ :** ଆଇନ ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- (କ) ରାଜ୍ୟରେ ଆସନ୍ତା ବର୍ଷରେ କେତୋଟି ସ୍ଥାନରେ JMFC, Civil Court ଓ ନୂତନ ADJ Court ଖୋଲିବା ପାଇଁ ବ୍ୟବସ୍ଥା କରାଯାଉଅଛି, (ଖ) କେଉଁ କେଉଁ ସ୍ଥାନରେ Court Building ମାନ କରିବାପାଇଁ ଅର୍ଥବରାଦ ହୋଇ କାର୍ଯ୍ୟଆରମ୍ଭ ପାଇଁ ସ୍ଥିର ହୋଇଅଛି ଏବଂ ମ: ରାମପୁର , ନର୍ଲା ଓ କର୍ଲାମୁଣ୍ଡାରେ କି ବ୍ୟବସ୍ଥା ରହିଛି 2021 - 22 ଆର୍ଥିକ ବର୍ଷ ପାଇଁ ଜଣାଇବେ କି ?

**ଆମ ଗାଁ ଆମ ବିକାଶ ଯୋଜନାରେ ଅର୍ଥ ବ୍ୟୟ**

***୯୭ . ଶ୍ରୀ ମୋହନ ଚରଣ ମାଝୀ :** ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- ଆମ ଗାଁ ଆମ ବିକାଶ ଯୋଜନାରେ ରାଜ୍ୟ ସରକାର ମୋଟ କେତେ ଅର୍ଥ ବ୍ୟୟରେ କେତେ ଯୋଜନାକୁ ଅନୁମୋଦନ କରିଛନ୍ତି, ସେଥିମଧ୍ୟରୁ ଅଦ୍ୟାବଧି କେଉଁ ଜିଲ୍ଲାରେ କେତେ ଗ୍ରାମରେ କେତେ ଯୋଜନାର କେତେ ପ୍ରତିଶତ କାର୍ଯ୍ୟକାରୀ ହୋଇସାରିଛି, ସେ ବାବଦରେ କେତେ ପ୍ରତିଶତ ଅର୍ଥ ଖର୍ଚ୍ଚ ହୋଇଛି, ଆଉ କେତେ କାର୍ଯ୍ୟ ବାକି ରହିଛି, ଯେଉଁ ଜିଲ୍ଲାରେ କାର୍ଯ୍ୟ ସନ୍ତୋଷଜନକ ନୁହେଁ କେଉଁ କେଉଁ ଜିଲ୍ଲାର କେତେ ଗ୍ରାମ୍ୟ ଉନ୍ନୟନ ଅଧିକାରୀଙ୍କ ବିରୋଧରେ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି, ଏହି ଯୋଜନାରେ ଭିଡିଓ ଭ୍ୟାନ୍ ଓ ପ୍ରଚାର ପ୍ରସାର ବାବଦରେ କେତେ ଅର୍ଥ ବ୍ୟୟ ହୋଇଛି ସେ ନେଇ 2018 ମାର୍ଚ୍ଚ 5 ତାରିଖରୁ ଆଜିଯାଏଁ ଯୋଜନାର କାର୍ଯ୍ୟକାରୀତା ସମ୍ପର୍କିତ ଜିଲ୍ଲାୱାରୀ ତଥ୍ୟ ଦେବେ କି, ବିଶେଷକରି ଏହି ଯୋଜନା ବନ୍ଦ ହେବାର କାରଣ କଣ ତାହା ପ୍ରକାଶ କରିବେ କି ?

**ରାସ୍ତା ହସ୍ତାନ୍ତର**

***୯୮ . ଶ୍ରୀ ସୁରେଶ କୁମାର ରାଉତରାୟ :** ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- ବହୁତ ପଂଚାୟତ ରାସ୍ତାକୁ ଗ୍ରାମ୍ୟ ଉନ୍ନୟନ ବିଭାଗ ନେବାରେ ଅସୁବିଧା କଣ, ନେବା ପାଇଁ ଖୋର୍ଦ୍ଧା ଜିଲ୍ଲାର କେତେ ପ୍ରସ୍ତାବ ରହିଛି ଓ କେଉଁ କେଉଁ ରାସ୍ତାର ନିର୍ଦ୍ଦିଷ୍ଟଭାବେ ଜିଲ୍ଲାୱାରୀ ତାଲିକା ପ୍ରଦାନ କରିବା ସହିତ ସରକାରଙ୍କର ଆଗାମୀ ଦିନରେ କଣ ଆଉ ନୂତନ ପ୍ରସ୍ତାବ ଅଛି ଅବଗତ କରାଇବେକି?

**Status of draft notification proposal**

***99 . Shri Ramesh Chandra Behera :** Will the minister for Forest and Environment be pleased to state that :- what is the present status on draft notification proposal for declaration of Bruttang conservation Reserve under section-36(A) of the Wildlife Protection Act, 1972 will

the Government take pro-active steps in the matter to move the Bruttang Irrigation Project forward?

**LED Street Light ଲଗାଯିବାର ନୀତି**

***୧୦୦ . ଶ୍ରୀ ଧ୍ରୁବ ଚରଣ ସାହୁ :** ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- ରାଜ୍ୟ ସରକାରଙ୍କର ପୌରାଞ୍ଚଳ ଗୁଡିକରେ LED Street Light ଲଗାଯିବାର କୌଣସି ନିର୍ଦ୍ଦିଷ୍ଟ ନୀତି ଅଛି କି ; କେଉଁ ଆଧାରରେ କେଉଁ କେଉଁ ପୌରସଂସ୍ଥା ଗୁଡିକରେ 2019-2020, 2020-2021 ଆର୍ଥିକ ବର୍ଷରେ କେତେ LED Street Light ଲଗାଯାଇଅଛି ; ଆସନ୍ତା ଆର୍ଥିକ ବର୍ଷରେ କେତେ LED Street Light ଲଗାଯିବା ପାଇଁ ଯୋଜନା ଅଛି ଓ ଏଥିପାଇଁ କେତେ ଆର୍ଥିକ ବ୍ୟୟ ବରାଦ କରାଯାଇଛି ?

**1947 ଶିଳ୍ପ ବିବାଦ ଆଇନ ପରିବର୍ତ୍ତନ**

***୧୦୧ . ଶ୍ରୀ ନାଉରୀ ନାୟକ :** ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- ରାଜ୍ୟରେ ଶିଳ୍ପ ବିବାଦ ଆଇନ, 1947ରେ କି କି ପରିବର୍ତ୍ତନ ଅଣାଯାଇଛି, ଫଳରେ କେତେ ଶିଳ୍ପ ସଂସ୍ଥାକୁ ଅଦ୍ୟାବଧି କଟକଣାମୁକ୍ତ କରାଯାଇଛି, ସେସବୁ ଶିଳ୍ପ ସଂସ୍ଥାରେ ଅନୁନ୍ୟ କେତେ ଶ୍ରମିକ ରହିବା ବାଧ୍ୟତାମୂଳକ କରାଯାଇଛି, ସଂଶୋଧିତ ଆଇନ ବଳରେ କେତେ ଶିଳ୍ପ ସଂସ୍ଥା ବର୍ତ୍ତମାନସୁଦ୍ଧା କେତେ କେତେ ଶ୍ରମିକଙ୍କୁ ଛଟେଇ କରିଛନ୍ତି, କେତେ ଶିଳ୍ପସଂସ୍ଥାରେ ତ୍ରୈମାସିକ ଓଭରଟାଇମ ସମୟସୀମା 75 ଘଣ୍ଟାରୁ 115 ଘଣ୍ଟାକୁ ବୃଦ୍ଧି ହୋଇଛି, କେତେ ଶ୍ରମିକ ଉପକୃତ ହୋଇଛନ୍ତି, କେତେ ଶିଳ୍ପସଂସ୍ଥାରେ କାର୍ଯ୍ୟକାଳ 8 ଘଣ୍ଟାରୁ 12 ଘଣ୍ଟାକୁ ବୃଦ୍ଧି କରାଯାଇଛି, ସେସବୁର ଜିଲ୍ଲାୱାରୀ ତଥ୍ୟ ଦେବେକି, ରାଜ୍ୟ ଶିଳ୍ପ ଓ କାରଖାନା ଆଇନରେ ପରିବର୍ତ୍ତନ ପରେ କେତେ ଶିଳ୍ପସଂସ୍ଥାରେ କେତେ ନୂତନ ନିଯୁକ୍ତି ସୃଷ୍ଟି ହୋଇଛି, କେତେ ନୂଆ ପୁଂଜିନିବେଶ ବୃଦ୍ଧି ପାଇବ ବୋଲି ଶ୍ରମ ବିଭାଗ ଆକଳନ କରିଛି?

**ଦେୱାନୀ ମକଦ୍ଦମା ସ୍ଥାନାନ୍ତର**

***୧୦୨ . ଶ୍ରୀ ସତ୍ୟନାରାୟଣ ପ୍ରଧାନ :** ଆଇନ ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- ନୟାଗଡ଼ ଜିଲ୍ଲାର ଓଡ଼ଗାଁ ଦେୱାନୀ ଅଦାଲତରେ ଥିବା ରଣପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ରଣପୁର ଦେୱାନୀ ଅଦାଲତର ଦେୱାନୀ ମକଦ୍ଦମା ଶିଘ୍ର ରଣପୁର ଦେୱାନୀ ଅଦାଲତକୁ ପଠାଇବା ପାଇଁ ଆଇନ ବିଭାଗ ସ୍ପଷ୍ଟ କରିଥିଲେ ହେଁ ସେହି ଦେୱାନୀ ମକଦ୍ଦମା ରେକର୍ଡ଼ ଏପର୍ଯ୍ୟନ୍ତ

ରଣପୁର ଦେୱାନୀ ଅଦାଲତକୁ ନ ପଠାଇବାର କାରଣ କଣ; କେବେ ଏହି ରେକର୍ଡ଼କୁ ରଣପୁର ଦେୱାନୀ ଅଦାଲତକୁ ପଠାଯିବ ଜଣାଇବେ କି ?

## ପାନୀୟଜଳ ଗୁଣବତ୍ତା ପରୀକ୍ଷଣ

***୧୦୩ . ଶ୍ରୀ ପ୍ରଶାନ୍ତ ବେହେରା :** ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- ରାଜ୍ୟର ପାଇପ ଜଳ ଯୋଗାଣ ପ୍ରକଳ୍ପରୁ ଯୋଗାଇ ଦିଆଯାଇଥିବା ପାନୀୟଜଳର ଗୁଣବତ୍ତା ପରୀକ୍ଷଣ ପାଇଁ କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଛି ?

## ପ୍ରଧାନମନ୍ତ୍ରୀ ସଡକ ଯୋଜନା N.B.C.C ଦ୍ୱାରା ରାସ୍ତା ନିର୍ମାଣ

***୧୦୪ . ଶ୍ରୀ ସାଲୁଗା ପ୍ରଧାନ :** ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- କନ୍ଧମାଳ ଜିଲ୍ଲାରେ କେତେଗୋଟି ପ୍ରଧାନମନ୍ତ୍ରୀ ସଡକ ଯୋଜନା N.B.C.C ଦ୍ୱାରା ରାସ୍ତା ନିର୍ମାଣ କରିଛି ସେଥିମଧ୍ୟରୁ କେତେଗୋଟି ରାସ୍ତା କାମ ସରିଯାଇଛି ଆଉକେତେ ଗୋଟି ରହିଅଛି ଏବଂ ସରିଯାଇଥିବା ରାସ୍ତା ମରାମତି କରାଯାଇନାହିଁ ତାହାରି ଉପରେ ସରକାର କି ପଦକ୍ଷେପ ନେଇଛନ୍ତି ?

## ବରବରା ଜଙ୍ଗଲର ସୁରକ୍ଷା

***୧୦୫ . ଶ୍ରୀ ପ୍ରଶାନ୍ତ କୁମାର ଜଗଦେବ :** ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- (କ) ଖୋର୍ଦ୍ଧା ଜିଲ୍ଲାର ବହୁ ପୁରାତନ ସଂରକ୍ଷିତ ବରବରା ଜଙ୍ଗଲର ସୁରକ୍ଷା ପାଇଁ ରାଜ୍ୟ ସରକାର କି ପଦକ୍ଷେପ ନେଇଛନ୍ତି, ବନ ସୁରକ୍ଷା ସମିତିର ଭୂମିକା କଣ; (ଖ) ୨୦୧୯-୨୦ ଓ ୨୦୨୦-୨୧ରେ ଏହି ଜଙ୍ଗଲରୁ ବେଆଇନ ଭାବେ ମୂଲ୍ୟବାନ ଶାଳ, ଶାଗୁଆନ ଆଦି କାଠ ଚୋରି ବିରୋଧରେ କେତୋଟି ମାମଲା ରଜୁ ହୋଇଛି ତାର ବର୍ତ୍ତମାନ ସ୍ଥିତି କଣ ରହିଛି ?

## NAC ର କର୍ମଚାରୀଙ୍କୁ ଦରମା ପ୍ରଦାନ

***୧୦୬ . ଶ୍ରୀ ସନ୍ତୋଷ ସିଂହ ସାଲୁଜା :** ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- (କ) କଣ୍ଟାବାଞ୍ଜି NAC ରେ ବିଗତ 12 ରୁ 13 ବର୍ଷ କାର୍ଯ୍ୟ କରୁଥିବା ସଫାଇ କର୍ମଚାରୀ ଏବଂ ଅଫିସ କର୍ମଚାରୀ (DLR) Executive Officer ଙ୍କ ଦ୍ୱାରା DLR ଭାବରେ ନିଯୁକ୍ତି ପତ୍ର ପାଇଥିଲେ ମଧ୍ୟ କଣ୍ଟାବାଞ୍ଜି NAC ଏହି 61 ଜଣ କର୍ମଚାରୀଙ୍କୁ ଦରମା ଦେଉନଥିବା କଥା ସରକାର ଜାଣନ୍ତି କି ; (ଖ) ରାଜ୍ୟ ସରକାର କଣ୍ଟାବାଞ୍ଜି NAC ର ସମସ୍ତ କର୍ମଚାରୀମାନଙ୍କୁ ପ୍ରତିମାସ ଦରମା ଦେବାର ବ୍ୟବସ୍ଥା କରାଇବେ କି?

## ବାହାର ରାଜ୍ୟରୁ ଫେରିଥିବା ଶ୍ରମିକ

***୧୦୭ . ଶ୍ରୀ ନବ ଚରଣ ମାଝି :** ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- (କ) ଚଳିତ ବର୍ଷ ରାଜ୍ୟ ବାହାରୁ ପଂଜିକୃତ ଶ୍ରମିକଙ୍କ ମଧ୍ୟରୁ କେତେ ସଂଖ୍ୟକ ଶ୍ରମିକ ରାଜ୍ୟକୁ ଫେରିବା ପାଇଁ ରାଜ୍ୟ ସରକାରଙ୍କ ନିକଟରେ ମାର୍ଚ୍ଚ ମାସରୁ ଅକ୍ଟୋବର ମାସ ମଧ୍ୟରେ ପଂଜିକରଣ କରିଥିଲେ, ସଂପୃକ୍ତ ପଂଜିକୃତ ଶ୍ରମିକଙ୍କୁ କେଉଁ କେଉଁ ଯୋଜନାରେ କର୍ମସଂସ୍ଥାନ ଯୋଗାଇ ଦେଇଛନ୍ତି ତାର ଜିଲ୍ଲାୱାରୀ ମାସୱାରୀ ବିବରଣୀ ବିଗତ ମାର୍ଚ୍ଚ ମାସରୁ ଅକ୍ଟୋବର ମାସ ପର୍ଯ୍ୟନ୍ତ ପ୍ରଦାନ କରିବେକି, (ଖ)ପ୍ରବାସୀ ଶ୍ରମିକଙ୍କୁ କର୍ମସଂସ୍ଥାନ ଯୋଗାଇ ଦେବା ନିମନ୍ତେ ରାଜ୍ୟ ଓ କେନ୍ଦ୍ର ସରକାରର କି କି ଯୋଜନାରେ କେତେ ଅର୍ଥ ମଂଜୁର କରିଥିଲେ, ପ୍ରବାସୀ ଶ୍ରମିକଙ୍କୁ ସାମାଜିକ ସୁରକ୍ଷା ପ୍ରଦାନ ନିମନ୍ତେ ରାଜ୍ୟ ଘୋଷଣା କରିଥିବା କର୍ପସ ପାଣ୍ଠିକୁ କେବେ କେତେ ଅର୍ଥ ପ୍ରଦାନ କରିଛନ୍ତି ଓ ସଂପୃକ୍ତ ଅର୍ଥରୁ କେଉଁ କେଉଁ ବାବଦରେ କେତେ ଅର୍ଥ ବ୍ୟୟ ହୋଇଛି ତାହା ପ୍ରକାଶ କରିବେକି?

## ବନ୍ତ ବ୍ଲକଠାରେ J.M. FC Court ସ୍ଥାପନ

***୧୦୮ . ଶ୍ରୀ ପ୍ରଫୁଲ୍ଲ ସାମଲ :** ଆଇନ ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- ବନ୍ତ ବ୍ଲକଠାରେ ସର୍ବସାଧାରଣଙ୍କ ସୁବିଧା ନିମନ୍ତେ ଏକ J.M.F.C Court ହେବାପାଇଁ ମାନ୍ୟବର ହାଇକୋର୍ଟ ଓ ସରକାର ନିଷ୍ପତ୍ତି କରିଥିଲେ ମଧ୍ୟ ବିଳମ୍ବ ହେବାର କାରଣ କଣ; ଏହା କେବେ ସୁଦ୍ଧା କାର୍ଯ୍ୟକାରୀ ହେବ କହିବେ କି ?

## ପାଇପ ଯୋଗେ ସ୍ୱଚ୍ଛ ପାନୀୟ ଜଳ ଯୋଗାଣ

***୧୦୯ . ଶ୍ରୀ ସଞ୍ଜିବ କୁମାର ମଲ୍ଲିକ :** ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- ଭଦ୍ରକ ଜିଲ୍ଲାର ସମୁଦ୍ର ତଟବର୍ତ୍ତୀ ଅଞ୍ଚଳରେ ଭୂତଳ ଜଳ ଲବଣାକ୍ତ ହୋଇ ନଳକୂପରୁ ଲବଣାକ୍ତ ଜଳ ନିର୍ଗତ ହେଉଥିବା ପରିପ୍ରେକ୍ଷୀରେ ଏହି ଅଞ୍ଚଳରେ ଲୋକଙ୍କୁ ସ୍ୱଚ୍ଛ ପାନୀୟ ଜଳ ପାଇପ ମାଧ୍ୟମରେ ଯୋଗାଣ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଛି ?

## ଜରାଜୀର୍ଣ୍ଣ ରାସ୍ତା ପୁନଃ ନିର୍ମାଣ

***୧୧୦ . ଶ୍ରୀ ସୌଭିକ୍ ବିଶ୍ୱାଳ :** ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- ଚୌଦ୍ୱାର କଟକ ନିର୍ବାଚନ ମଣ୍ଡଳୀରେ କେତେ କି.ମି. ଦୈର୍ଘ୍ୟ ବିଶିଷ୍ଟ କେଉଁ କେଉଁ ରାସ୍ତା ଗ୍ରାମ ଉନ୍ନୟନ ବିଭାଗ ଅଧୀନରେ ଥିବାବେଳେ ତନ୍ମଧ୍ୟରୁ କେତେ ରାସ୍ତା ଜରାଜୀର୍ଣ୍ଣ ଅବସ୍ଥାରେ ଅଛି ଏହାକୁ ପୁନଃ ନିର୍ମାଣ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଛି ?

## କ୍ଷୟ ହୋଇଥିବା ପ୍ରାକୃତିକ ଘଞ୍ଚ ଜଙ୍ଗଲର ପରିମାଣ

***୧୧୧ . ଶ୍ରୀ ଅଶ୍ୱିନୀ କୁମାର ପାତ୍ର :** ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- ରାଜ୍ୟରେ ୨୦୧୪ ଠାରୁ ଚଳିତ ବର୍ଷ ପର୍ଯ୍ୟନ୍ତ ପ୍ରତ୍ୟେକ ବର୍ଷ କେତେ ପ୍ରାକୃତିକ ଘଞ୍ଚ ଜଙ୍ଗଲ କ୍ଷୟ ହୋଇଛି, ଏହାର କାରଣ କଣ; ଏହାକୁ ସୁରକ୍ଷିତ ରଖିବାକୁ ବ୍ୟବସ୍ଥା କଣ; କ୍ଷୟ ହୋଇଥିବା ପଞ୍ଚ ଜଙ୍ଗଲକୁ ପୁଣିଥରେ, ଘଞ୍ଚ ଜଙ୍ଗଲରେ ପରିଣତ କରିବାକୁ ସରକାରଙ୍କର ଯୋଜନା କଣ, ଏଭଳି କେଉଁଟି କେତେ ହେଲାଣି ସରକାର ଏହାର ସବିଶେଷ ତଥ୍ୟ ଉପସ୍ଥାପନ କରିବେ କି; ବନ୍ୟପ୍ରାଣୀ ଘଞ୍ଚ ଜଙ୍ଗଲ ଅଭାବରୁ କ୍ରମେ ଜନବସତି ଆଡ଼କୁ ଆସୁଥିବାରୁ ଧନଜୀବନ ସୁରକ୍ଷା ସକାଶେ ସରକାରଙ୍କ ଗଠନ ମୂଳକ ପଦକ୍ଷେପ କଣ ?

## ଦେବଗଡ ସହରକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ

***୧୧୨ . ଶ୍ରୀ ସୁବାଶ ଚନ୍ଦ୍ର ପାଣିଗ୍ରାହୀ :** ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- ଦେବଗଡ ସହରାଞ୍ଚଳକୁ ବିଶୁଦ୍ଧ ପାନୀୟ ଜଳ ବ୍ରାହ୍ମଣୀ ନଦୀରୁ ଯୋଗାଇଦେବାର ବ୍ୟବସ୍ଥା ସରକାରଙ୍କର ନଜରକୁ ଆସିଛି କି; ଯଦି ଆସିଥାଏ କେବେ ସୁଦ୍ଧା ଏହା କାର୍ଯ୍ୟକାରୀ ହେବ ?

## ଜଳକଷ୍ଟ ନିରାକରଣ ପାଇଁ ପଦକ୍ଷେପ

***୧୧୩ . ଶ୍ରୀ ରମେଶ ଚନ୍ଦ୍ର ସାଏ :** ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- ରାଜ୍ୟର ପାହାଡିଆ ଓ ପାର୍ବତ୍ୟାଞ୍ଚଳରେ ଥିବା ଅଞ୍ଚଳରେ ଗ୍ରୀଷ୍ମ ଋତୁରେ ଉତ୍କଟ ଜଳକଷ୍ଟ ହେଉଥିବା ପରିପ୍ରେକ୍ଷୀରେ ଏହି ଅଞ୍ଚଳରେ ଜଳକଷ୍ଟ ନିବାରଣ ପାଇଁ କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଛି ?

## ରାସ୍ତାଗୁଡିକୁ ମୁଖ୍ୟ ରାସ୍ତା ସହ ସଂଯୋଗ

***୧୧୪ . ଶ୍ରୀ ଭବାନୀ ଶଙ୍କର ଭୋଇ :** ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- ସୁନ୍ଦରଗଡ ଜିଲ୍ଲାରେ ଥିବା ଗାଁମାନଙ୍କରେ ଅଣଓସାରିଆ ରାସ୍ତାଗୁଡିକୁ ସହଜରେ ଆମ୍ବୁଲାନ୍ସ, ଟ୍ରାକ୍ଟର ଓ ପୋଲିସ ଗାଡି ଗଲାଭଳି ଚଉଡା ରାସ୍ତା ନିର୍ମାଣ କରିବା ସହ ସବୁ ରାସ୍ତାଗୁଡିକୁ ବ୍ଲକର ମୁଖ୍ୟ ରାସ୍ତା ସହ ସଂଯୋଗ କରିବା ପାଇଁ RD ବିଭାଗ ତୁରନ୍ତ ପଦକ୍ଷେପ ନେବେ କି ; ବିଭାଗ ତରଫରୁ ଯେଉଁ ରାସ୍ତାସବୁ ନିର୍ମାଣ ହେଲେ ସେଗୁଡିକ ଅତି ନିମ୍ନମାନର ହେଉଥିବାରୁ ନିର୍ମାଣ ସରିବାର ଅଳ୍ପଦିନ ଭିତରେ ବର୍ଷାରେ ଧୋଇଯାଉଛି ; ଖାଲ, ଗାତ ଇତ୍ୟାଦି ସୃଷ୍ଟି

ହେଉଛି ବୋଲି ସରକାର ଜାଣନ୍ତି କି ; ଯଦି ନା ତେବେ ଠିକାଦାରମାନେ କାମ କରୁଥିବାବେଳେ ବିଭାଗର ଯନ୍ତ୍ରୀମାନେ ତଦାରଖ କରି ଉନ୍ନତମାନର କାମ ସହ ପ୍ରତି ପଞ୍ଚାୟତରେ ଥିବା ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ସ୍କୁଲ ଗୁଡିକର ରକ୍ଷଣାବେକ୍ଷଣ, ମରାମତି, ରଙ୍ଗ ମାରିବା ଭଳି ଆଧୁନିକୀକରଣ ପାଇଁ ବ୍ୟବସ୍ଥା କରିବେ କି?

## କଳାହାଣ୍ଡିରେ Eco-tourism ବିକାଶ

***୧୧୫ . ଶ୍ରୀ ମୌଷଧି ବାଗ୍ :** ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- କଳାହାଣ୍ଡି ଜିଲ୍ଲାରେ କେଉଁ କେଉଁ ସ୍ଥାନକୁ Eco-tourism ଯୋଜନାରେ ପର୍ଯ୍ୟଟନ ବିକାଶ କରାଯାଇଛି, କେଉଁଗୁଡିକ ପ୍ରସ୍ତାବାଧୀନ ଅଛି ପ୍ରକାଶ କରି କଳାହାଣ୍ଡି ଜିଲ୍ଲାରେ ପରିବେଶ ପର୍ଯ୍ୟଟନ ବିକଶିତ କରିବାକୁ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରୁଛନ୍ତି ?

## ପ୍ରତ୍ୟେକ ଗୃହକୁ ସ୍ୱରେଜ ସଂଯୋଗ

***୧୧୬ . ଶ୍ରୀ ଜୟନାରାୟଣ ମିଶ୍ର :** ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- ବି.ଏମ୍.ସି. (Bhubaneswar Municipal Corporation) ର ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ସରକାର କ'ଣ ବ୍ୟବସ୍ଥା କରିଛନ୍ତି; ସ୍ୱରେଜ ବ୍ୟବସ୍ଥା କେତୋଟି ଗୃହକୁ ସଂପ୍ରସାରିତ ହୋଇଛି; ପ୍ରତ୍ୟେକ ଘରକୁ ସ୍ୱରେଜ ସଂଯୋଗ କେବେ ସୁଦ୍ଧା ଯୋଗାଇ ଦିଆଯିବ ?

## Sinking of Tubewell

***117 . Shri Sukanta Kumar Nayak :** Will the minister for Panchayati Raj & Drinking Water be pleased to state that :- that is there any planning for sinking of tubewell in the water scarcity pockets of Nilgiri A/C area where piped water supply is not feasible; will the Govt. look into the ground reality regarding scarcity of drinking water in the problematic habituary ?

## ରାସ୍ତା ସଂଯୋଗୀକରଣ

***୧୧୮ . ଶ୍ରୀ ଅନନ୍ତ ଦାସ :** ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନା ପ୍ରଥମେ କାର୍ଯ୍ୟକାରୀ କରାଯାଉଥିବାବେଳେ havitation (ପଡା ଗ୍ରାମକୁ) ଏକକ ଧରାନଯାଇ ରାଜସ୍ୱ ଗ୍ରାମକୁ ଏକକ ଧରାଯାଇ ଥିବା ଯୋଗୁଁ ଓଡିଶାରେ ବହୁ havitation ଗୁଡିକୁ ରାସ୍ତା ସଂଯୋଗ କରାନଯାଇ ପାରିବା ସତ୍ୟ କି, ଏଥିଯୋଗୁଁ ଓଡିଶାରେ ହଜାର ହଜାର ପଡା ଗାଁକୁ ରାସ୍ତା ସଂଯୋଗ ହୋଇପାରିନଥିବାରୁ ମୁଖ୍ୟମନ୍ତ୍ରୀ ସଡକ ଯୋଜନା

ରାଜ୍ୟ ସରକାର ଆରମ୍ଭ କରିଥିଲେ ମଧ୍ୟ ଆବଶ୍ୟକ ମୁତାବକ ରାସ୍ତା ନିର୍ମାଣ କରାଯାଇପାରୁନାହିଁ, ଏପରି ଗୁରୁତର ସମସ୍ୟାକୁ କେନ୍ଦ୍ର ସରକାରଙ୍କଠାରେ ଉପସ୍ଥାପନ କରି ସମସ୍ତ ପଡା ଗ୍ରାମକୁ ରାସ୍ତା ସଂଯୋଗ କରିବା ପାଇଁ ବ୍ୟବସ୍ଥା କରିବେ କି ?

**ସିନ୍ଦେର ଜଳ ପ୍ରପାତର ବିକାଶ**

***୧୧୯ . ଶ୍ରୀ ପ୍ରଦୀପ କୁମାର ଦିଶାରୀ :** ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- ଜୟପାଟଣା ବନ ଉପଖଣ୍ଡରେ ଅବସ୍ଥିତ "ସିନ୍ଦେର ଜଳ ପ୍ରପାତ" ର ବିକାଶ କରିବା ସହ ଉକ୍ତ ସ୍ଥାନକୁ Eco-tourism spot ଭାବରେ କରାଯିବା ପାଇଁ ସରକାରଙ୍କର ପ୍ରସ୍ତାବ ଅଛି କି ?

**ପାନୀୟ ଜଳ ଆବଶ୍ୟକତା ପୂରଣ**

***୧୨୦ . ଶ୍ରୀ ସୁଧୀର କୁମାର ସାମଲ :** ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- ଢେଙ୍କାନାଳ ସହରରେ ଦୈନିକ କେତେ ଜଳର ଆବଶ୍ୟକତା ଥିବାବେଳେ କେଉଁ କେଉଁ ଉତ୍ସରୁ କେତେ ଜଳ ଯୋଗାଇ ଦିଆଯାଉଛି ଓ ସହରର ପାନୀୟ ଜଳ ଆବଶ୍ୟକତା ପୂରଣ ପାଇଁ କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଛି ?

**Designed By National Informatics Centre, Odisha.**